


**ପାଠ - ୧୦**

# ଫେଡ଼ାଣ ଜାଣିବା

ସୀତା ଓ ଗୀତା ବଣକୁ ଯାଇ କେନ୍ଦୁପତ୍ର ତୋଳିଲେ । ଶେଷରେ ସେମାନେ ନିଜ ନିଜ ପତ୍ରକୁ ଏକାଠି କଲେ । ସୀତା କହିଲା, ସେ ବେଶୀ ପତ୍ର ତୋଳିଛି । ଗୀତା କହିଲା, ସେ ବେଶୀ ପତ୍ର ତୋଳିଛି । ଏହିପରି ସେମାନଙ୍କ ମଧ୍ୟରେ କଳି ହେଲା । ଏହି ସମୟରେ ମିତା ସେଠାରେ ପହଞ୍ଚିଲା । ସେମାନେ ମିତାକୁ ଡାକି କଳିର ସମାଧାନ କରିବାକୁ କହିଲେ ।

ମିତା ସେମାନଙ୍କୁ କହିଲା, 'ତୁମେ ନିଜ ନିଜର ପତ୍ର ସବୁକୁ ଶହେଟିକିଆ ବିଡ଼ା, ଦଶଟିକିଆ ବିଡ଼ା ଓ ବଳକା ପତ୍ରକୁ ଗୋଟି ଗୋଟି କରି ରଖ ।'

| | ୧୦୦ ଟିକିଆ ବିଡ଼ା | ୧୦ ଟିକିଆ ବିଡ଼ା | ଗୋଟିକିଆ ପତ୍ର | ମୋଟ ପତ୍ର ସଂଖ୍ୟା |
|---|---|---|---|---|
| ସୀତାର ପତ୍ର |  |  |  | ୩୪୫ |
| ଗୀତାର ପତ୍ର |  |  |  | ୨୩୨ |

ମିତା - ସୀତା, ତୁମର ପତ୍ର ସଂଖ୍ୟା କେତେ ?
ଗୀତା, ତୁମର ପତ୍ର ସଂଖ୍ୟା କେତେ ?
ଏବେ କହ, କାହାର ପତ୍ର ସଂଖ୍ୟା ବେଶୀ ?

ସୀତା - ଶତକ ଘରେ ମୋର ୩ଟି ବିଡ଼ା ଅଛି, ତେଣୁ ମୋର ବେଶୀ ।
ଗୀତା କହିଲା, 'ଆରେ ହଁ' ।

ମିତା - ତେବେ ଗୀତାଠାରୁ ସୀତାର ପତ୍ର ସଂଖ୍ୟା କେତେ ବେଶୀ ?
ଉଭୟ ଭାବିଲେ । କ'ଣ କଲେ ତାହା ଜଣା ପଡ଼ିବ ଚିନ୍ତା କଲେ ।

ମିତା - **ଫେଡ଼ାଣ କଲେ ତାହା ଜଣା ପଡ଼ିବ । ଫେଡ଼ାଣ ବେଳେ ବଡ଼ ସଂଖ୍ୟାକୁ ଉପରେ ଓ ସାନ ସଂଖ୍ୟାକୁ ତଳେ ଲେଖାଯାଏ । ସ୍ଥାନୀୟ ମାନ ଅନୁସାରେ ସଂଖ୍ୟା ଦ୍ୱୟକୁ ତଳକୁ ତଳ ଲେଖାଯାଏ । ଏକକ ଅଙ୍କରୁ ଏକକ ଅଙ୍କ, ଦଶକ ଅଙ୍କରୁ ଦଶକ ଅଙ୍କ ଓ ଶତକ ଅଙ୍କରୁ ଶତକ ଅଙ୍କକୁ ବିୟୋଗ କରାଯାଏ ।**

ଏବେ କହ,

ୁ ୫ ରୁ ୨ ଗଲେ କେତେ ?
୪ ରୁ ୩ ଗଲେ କେତେ ?
୩ ରୁ ୨ ଗଲେ କେତେ ?

$$\begin{array}{r} ୩୪୫ \\ -\ \underline{୨୩୨} \\ ୧୧୩ \end{array}$$

ତେବେ, ସୀତା ପାଖରେ ଗୀତା ଅପେକ୍ଷା କେତୋଟି ପତ୍ର ଅଧିକ ଅଛି ?

ଯାତ୍ରାରେ ମୂଷାନନା ମିଠେଇ ଦୋକାନରେ ଭାରି ଭିଡ଼ । ଦୋକାନରେ ସମସ୍ତଙ୍କ ଦାବି ଆଗ ମିଠେଇ କିଣିବେ। ଭିଡ଼ରେ ରହିଛନ୍ତି ପିମ୍ପୁଡ଼ି, ମାଛି, ମଶା, ମହୁମାଛି ଓ ଝିଣ୍ଟିକା। ପିମ୍ପୁଡ଼ି ଥିଲେ ୯୭୨, ମାଛି ୬୭୯, ମଶା ୪୩୮, ମହୁମାଛି ୮୨୪ ଓ ଝିଣ୍ଟିକା ଥିଲେ ୨୧୬। ଭିଡ଼ରେ ଜଣା ପଡୁ ନଥିଲା କେଉଁମାନେ ଅଧିକ ଓ କେଉଁମାନେ କମ୍ ଅଛନ୍ତି । ସମସ୍ତେ ପାଟି କରୁଛନ୍ତି, ଆମ ଦଳ ବଡ଼ ତେଣୁ ଆମକୁ ଆଗ ମିଠେଇ ଦିଆଯାଉ।

ବର୍ତ୍ତମାନ ତୁମେ କହ,

କେଉଁ ଦଳରେ ସବୁଠାରୁ ଅଧିକ ଜୀବ ଅଛନ୍ତି ?



**ମଶା ଝିଣ୍ଟିକାଠାରୁ କେତେ ଅଧିକ ?**

| | | | |
|---|---|---|---|
| ୪୩୮ = | ୪ ଶହ | ୩ ଦଶ | ୮ ଏକ |
| − ୨୧୬ = | − ୨ ଶହ | ୧ ଦଶ | ୬ ଏକ |
| | ୨ ଶହ | ୨ ଦଶ | ୨ ଏକ |

୮ ଏକରୁ ୬ ଏକ ଫେଡ଼ାଣ କଲେ ବଳକା ରହିଲା ୨ ଏକ

୩ ଦଶରୁ ୧ ଦଶ ଫେଡ଼ାଣ କଲେ ବଳକା ରହିଲା ୨ ଦଶ

୪ ଶହରୁ ୨ ଶହ ଫେଡ଼ାଣ କଲେ ବଳକା ରହିଲା ୨ ଶହ

  ୪୩୮
− ୨୧୬
  ୨୨୨

ଅର୍ଥାତ୍, ଝିଣ୍ଟିକାଙ୍କଠାରୁ ମଶାଙ୍କ ସଂଖ୍ୟା ୨୨୨ ଅଧିକ।

**ମହୁମାଛି ମାଛିଠାରୁ କେତେ ଅଧିକ ?**

| | | | |
|---|---|---|---|
| ୮୨୪ (ମହୁମାଛି) = | ୮ ଶହ | ୨ ଦଶ | ୪ ଏକ |
| ୬୭୯ (ମାଛି) = | ୬ ଶହ | ୭ ଦଶ | ୯ ଏକ |

| ଶତକ | ଦଶକ | ଏକକ |
|---|---|---|
| ୮ | ୨ | ୪ |
| −୬ | ୭ | ୯ |
| ୧ | ୪ | ୫ |

୪ ଏକରୁ ୯ ଏକ ଫେଡ଼ି ହେବ ନାହିଁ। କ'ଣ କରିବା ?

ଦଶକ ଘରୁ ଏକ ଦଶ ଆଣି ୪ ଏକରେ ମିଶେଇଲେ ୧୦ + ୪ = ୧୪ ଏକ ହେବ ।

ବର୍ତ୍ତମାନ ୧୪ ରୁ ୯ ଫେଡ଼ିଲେ ବଳକା ରହିଲା ୫ ଏକ। ଦଶକ ସ୍ଥାନରେ ରହିଲା ୧ ଦଶ। ସେଥିରୁ ଫେଡ଼ିବା ୭ ଦଶ। କିନ୍ତୁ ୧ରୁ ୭ ବଡ଼। କ'ଣ କରିବା ? ଶତକ ଘରୁ ଏକ ଶହ ଆଣିବା। ଦଶକ ଘରେ ସଂଖ୍ୟା ହେଲା ୧୦ + ୧ = ୧୧ ଦଶ।

୧୧ ଦଶରୁ ୭ ଦଶ ଫେଡ଼ିଲେ ବଳକା ରହିଲା ୪ ଦଶ। ଶତକ ଘରେ ରହିଲା ଆଉ ୭ ଶହ। ସେଥିରୁ ୬ ଶହ ଫେଡ଼ିଲେ ବଳକା ରହିଲା ୧ ଶହ ।

```
  ୮୨୪
- ୬୭୯
-----
  ୧୪୫
```

ମହୁମାଛିଙ୍କ ସଂଖ୍ୟା ମାଛିମାନଙ୍କ ସଂଖ୍ୟାରୁ କେତେ ଅଧିକ ?

ଏବେ ନିର୍ଣ୍ଣୟ କର -

(କ) ପିମ୍ପୁଡ଼ି ସଂଖ୍ୟା ମାଛି ସଂଖ୍ୟାଠାରୁ କେତେ ଅଧିକ ?

(ଖ) ମାଛି ସଂଖ୍ୟା ମଶା ସଂଖ୍ୟାଠାରୁ କେତେ ବେଶୀ ?

(ଗ) ଝିଣ୍ଟିକା ସଂଖ୍ୟା ମହୁମାଛି ସଂଖ୍ୟାଠାରୁ କେତେ କମ୍ ?

(ଘ) ଝିଣ୍ଟିକା ସଂଖ୍ୟା ପିମ୍ପୁଡ଼ି ସଂଖ୍ୟାଠାରୁ କେତେ କମ୍ ?

## ଅଭ୍ୟାସ

୧. ଗୋଲାକାର ଚିତ୍ରର ଖାଲି ସ୍ଥାନଗୁଡ଼ିକରେ ସଂଖ୍ୟା ଲେଖ, ଯେପରି ପ୍ରତ୍ୟେକ ଧାଡ଼ିରେ ସଂଖ୍ୟା ଦୁଇଟିର ଯୋଗଫଳ ୬୭୮ ହେବ ।



୨. 


ଚିତ୍ର ଦେଖି କହ ।

(କ) ରେଡ଼ିଓଠାରୁ ପ୍ରେସରକୁକର ଦାମ୍ କେତେ କମ୍ ?

(ଖ) ଇସ୍ତ୍ରୀ ଦାମଠାରୁ ଘଣ୍ଟାର ଦାମ୍ କେତେ ଅଧିକ ?

(ଗ) ବାକ୍ସ ଦାମ୍ ଘଣ୍ଟା ଦାମ୍‌ଠାରୁ କେତେ ଅଧିକ ?

(ଘ) ପ୍ରେସରକୁକର ଦାମ୍ ଗ୍ରାଇଣ୍ଡର ଦାମ୍‌ଠାରୁ କେତେ କମ୍ ?

(ଙ) ଇସ୍ତ୍ରୀ ଦାମ୍ ବାକ୍ସ ଦାମ୍‌ଠାରୁ କେତେ କମ୍ ?

୩.

| | | |
|---|---|---|
| ୧ | ୫ | ୩ |
| ୯ | ୦ | ୮ |
| ୪ | ୭ | ୨ |

ଏହି ଟେବୁଲରୁ ଅଙ୍କଗୁଡ଼ିକୁ ନେଇ ଯେତେ ପାର ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ । ସେଥିରୁ ଦୁଇ ଯୋଡ଼ା ଲେଖାଏଁ ସଂଖ୍ୟା ବାଛି ବଡ଼ ସଂଖ୍ୟାରୁ ସାନ ସଂଖ୍ୟାର ବିୟୋଗଫଳ ନିର୍ଣ୍ଣୟ କର । ଦେଖ, କିଏ ସବୁଠାରୁ ବେଶୀ ବିୟୋଗ କରି ପାରୁଛି ।

୪. କେଉଁ ବେଙ୍ଗ କେଉଁ ସାରୁବୁଦା ପାଖକୁ ଯିବ ଚିହ୍ନାଅ ।



**୫. ତଳେ ଦିଆଯାଇଥିବା ଗପଟିକୁ ପଢ଼ ଓ ଉତ୍ତର ଲେଖ ।**

ଭୀମା ଭାବିଲା କ୍ଷୀର କିଣି ଖାଇବା ଆଉ ସମ୍ଭବ ନୁହେଁ । ଏଥର କ୍ଷୀର ଦେଉଥିବା ଗାଈଟିଏ କିଣିବି । କିଛି ଟଙ୍କା ଧରି ସେ ହାଟକୁ ଗଲା । ଗୋଟିଏ ଦୁଧିଆଳୀ ଗାଈ କିଣିବାକୁ ଗାଈବିକାଳିକୁ ଦାମ୍ ପଚାରିବାରୁ ସେ ୮୯୭ଟଙ୍କା କହିଲା । ଭୀମା ଦେଖିଲା ତା' ପାଖରେ ଏତେ ଟଙ୍କା ନାହିଁ । ଭୀମା ଏପଟ ସେପଟ ଚାହିଁଲା । ଭୀମାର ଏ ଅବସ୍ଥା ଦେଖି ଗାଈ ବିକୁଥିବା ଲୋକ କହିଲା, "ତୁମ ପାଖରେ କେତେ ଟଙ୍କା ଅଛି କହ ।" ଟଙ୍କା ଗଣି ଭୀମା କହିଲା ୫୩୮ ଟଙ୍କା । ଗାଈବିକାଳି କହିଲା, ଗାଈ ତ ନେଇ ନାହିଁ । ବାଛୁରୀଟିଏ ୩୬୯ ଟଙ୍କାରେ କିଣିନିଅ । ଭୀମା ଭାବିଲା, ଗାଈଟିଏ କାହିଁକି ଅଧିକ ଟଙ୍କା ଦେଇ ନେବ । କମ୍ ଟଙ୍କା ଦେଇ ବାଛୁରୀଟିଏ ନେଇ ଅଳ୍ପ କେତେ ଦିନ ପାଳିଲେ ତାହା ବଡ଼ ହୋଇ ଗାଈ ହେଲେ କ୍ଷୀର ଦେବ । ଏହା ଭାବି ସେ ବାଛୁରୀଟିଏ କିଣିଲା ।

(କ) ବାଛୁରୀ କିଣିବା ପରେ ଭୀମା ପାଖରେ କେତେ ଟଙ୍କା ବଳିଲା ?

| | | | |
|---|---|---|---|
| ଭୀମା ହାଟକୁ ନେଇଥିଲା | ________ | ଟଙ୍କା | ☐ |
| ବାଛୁରୀ କିଣିବାରେ ଖର୍ଚ୍ଚ ହେଲା | ________ | ଟଙ୍କା | ☐ |
| ବଳିଲା | ________ | ଟଙ୍କା | ☐ |

(ଖ) କେତେ ଟଙ୍କା ଅଧିକା ନେଇଥିଲେ ସେ ଗାଈଟିକୁ କିଣିପାରିଥା'ନ୍ତା ?

ଗାଈଟିର ଦାମ୍ ଥିଲା ________ ଟଙ୍କା

ଭୀମା ପାଖରେ ଥିଲା ________ ଟଙ୍କା

________

ଆଉ ଦରକାର ଥିଲା ________ ଟଙ୍କା

୬. ସମାଧାନ କର ।

| | |
|---|---|
| (କ) ୯୮୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଛାତ୍ରମାନଙ୍କ ସଂଖ୍ୟା ୪୯୭ ହେଲେ, ଛାତ୍ରୀମାନଙ୍କ ସଂଖ୍ୟା କେତେ ? | ୯୮୬<br>- ୪୯୭<br>୪୮୯ |
| (ଖ) ଦିନେ କୁକୁଡ଼ା ଫାର୍ମରେ କୁକୁଡ଼ାମାନେ ୬୦୦ଟି ଅଣ୍ଡା ଦେଇଥିଲେ । ସେଥିରୁ ୪୮୭ଟି ଅଣ୍ଡା ବିକ୍ରି ହୋଇଗଲା । ସେଦିନ କେତୋଟି ଅଣ୍ଡା ବଳକା ରହିଲା ? | |
| (ଗ) ଗୋଟିଏ ଗ୍ରାମରେ ଥିବା ୭୩୭ ଜଣ ଲୋକଙ୍କ ମଧ୍ୟରୁ ୪୮୯ ଜଣଙ୍କର ନାମ ଭୋଟର ତାଲିକାରେ ରହିଛି । ତେବେ, କେତେ ଜଣ ଲୋକଙ୍କର ନାମ ଭୋଟର ତାଲିକାରେ ନାହିଁ ? | |
| (ଘ) ତିନି ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାରୁ ତିନି ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟା କେତେ ସାନ ? | |

୭. ବାତ୍ୟାପାଣ୍ଠି ଲାଗି ହରିପୁର ସ୍କୁଲରୁ ୪୨୫ ଟଙ୍କା ସଂଗ୍ରହ କରାଗଲା । ବିଦେଇପୁର ସ୍କୁଲରୁ ହରିପୁର ସ୍କୁଲ ଅପେକ୍ଷା ୧୩୦ଟଙ୍କା ଅଧିକ ସଂଗ୍ରହ କରାଗଲା । ତେବେ ଏହି ଦୁଇ ସ୍କୁଲରୁ ମୋଟ କେତେ ଟଙ୍କା ସଂଗ୍ରହ କରାଗଲା ?

ବାତ୍ୟା ପାଣ୍ଠିଲାଗି ହରିପୁର ସ୍କୁଲରୁ ସଂଗ୍ରହ ହେଲା = ________ ଟଙ୍କା

ବିଦେଇପୁର ସ୍କୁଲରୁ ସଂଗ୍ରହ ହେଲା = ________ ଟଙ୍କା

ଦୁଇ ସ୍କୁଲରୁ ମୋଟ ସଂଗ୍ରହ ହେଲା ________ + ________ = ________ ଟଙ୍କା

୮. ଏବେ କହ ଓ ଲେଖ (+ ଚିହ୍ନ ତଳେ) ।




୯. କେଉଁ ଯୋଡ଼ି କାହା ସହିତ ମିଶିବ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ୨୩ + ୨୫ | ୨୨ + ୧୫ |
| ୪୮ - ୧୧ | ୧୪ + ୧୦ |
| ୧୫ + ୧୨ | ୩୨ - ୧୨ |
| ୪୯ - ୩୭ | ୩୯ - ୧୨ |
| ୪୨ - ୨୨ | ୧୧ + ୩୭ |
| ୩୬ - ୧୨ | ୩୭ - ୨୫ |

୧୦.




(କ) ବାଘ ଓ ଭାଲୁ ମିଶିଲେ କେତୋଟି ପଶୁ ହେବେ ?

ଉପର ପ୍ରଶ୍ନ ଭଳି ଆଉ ତିନୋଟି ପ୍ରଶ୍ନ ତିଆରି କର ।

(ଖ) କୁମ୍ଭୀରଙ୍କ ସଂଖ୍ୟାଠାରୁ ଜେବ୍ରାଙ୍କ ସଂଖ୍ୟା କେତେ କମ୍ ?

**'କମ୍'** ଶବ୍ଦକୁ ବ୍ୟବହାର କରି ଉପର ପ୍ରଶ୍ନ ଭଳି ଆଉ ଦୁଇଟି ପ୍ରଶ୍ନ ତିଆରି କର ।

୧୧. (କ) ତଳେ ଗୋଟିଏ ପ୍ରଶ୍ନର ସମାଧାନକୁ ପ୍ରଥମେ ଲେଖାଯାଇଛି । ତା' ପରେ ପ୍ରଶ୍ନଟି ଲେଖାଯାଇଛି, ଲକ୍ଷ୍ୟ କର ।

କୁମାର ପୂର୍ଣ୍ଣିମା ଦିନ -



| | | |
|---|---|---|
| ମା' ତିଆରି କରିଥିବା ମଣ୍ଡାପିଠା ସଂଖ୍ୟା | = | ୩୨ |
| ଜେଜେ ମା' ତିଆରି କରିଥିବା ଆରିଷାପିଠା ସଂଖ୍ୟା | = | ୨୪ |
| ମୋଟ୍ ପିଠା ସଂଖ୍ୟା | = | ୫୬ |

ଏହି ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲକ୍ଷ୍ୟ କର -

କୁମାର ପୂର୍ଣ୍ଣିମା ଦିନ ମା' ୩୨ଟି ମଣ୍ଡାପିଠା ତିଆରି କଲେ । ଜେଜେ ମା' ୨୪ଟି ଆରିଷା ପିଠା ତିଆରି କରିଥିଲେ । ସେଦିନ ମୋଟ କେତୋଟି ପିଠା ତିଆରି ହୋଇଥିଲା ?

**ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲେଖ ।**

(କ) ବଗିଚାରେ କାମ କରୁଥିବା ଦ୍ୱିତୀୟ ଶ୍ରେଣୀର ବାଳିକା ସଂଖ୍ୟା = ୨୦

ବଗିଚାରେ କାମ କରୁଥିବା ତୃତୀୟ ଶ୍ରେଣୀର ବାଳିକା ସଂଖ୍ୟା = ୧୭

ବଗିଚାରେ କାମ କରୁଥିବା ମୋଟ ବାଳିକା ସଂଖ୍ୟା = ୩୭

(ଖ) ଜନ୍ମ ଦିନରେ ଆସିଥିବା ଚକୋଲେଟ ସଂଖ୍ୟା = ୫୬

ପିଲାମାନଙ୍କୁ ବାଣ୍ଟିଦେଲ = ୪୨

ତୁମ ପାଖରେ ବଳିଥିବା ଚକୋଲେଟ ସଂଖ୍ୟା = ୧୪

**୧୨. ଆସ, ଅନୁମାନ କରି ବିୟୋଗଫଳ କହିବା :**

୮୭ ରୁ ୨୬ କୁ ବିୟୋଗ କଲେ ବିୟୋଗ ଫଳ ୫୦ ରୁ ବେଶୀ ହେବ ନା ୫୦ ରୁ କମ୍ ହେବ ?

ଆମେ ଅନୁମାନ କରିବା ସମୟରେ ସଂଖ୍ୟା ଦୁଇଟିର ଏକକ ଘରର ଅଙ୍କକୁ ବାଦ ଦେଇ ବିୟୋଗ କଲେ ପାଇବା ୮୦ - ୨୦ = ୬୦, ଏଣୁ ୮୭ ରୁ ୨୬ ବିୟୋଗ କଲେ ବିୟୋଗ ଫଳ ୫୦ ରୁ ବେଶୀ ହେବ ।

ସେହିପରି କହ :-

(କ) ୫୮ ଓ ୧୫ ର ବିୟୋଗ ଫଳ ୩୦ ରୁ ବେଶୀ ନା ୩୦ରୁ କମ୍ ହେବ ?

୫୦ - ୧୦ = ୪୦, ତେଣୁ ବିୟୋଗଫଳ ୩୦ରୁ ବେଶୀ ।

(ଖ) ୮୫ - ୩୦ ର ମୂଲ୍ୟ ୪୦ ରୁ ବେଶୀ ନା ୪୦ ରୁ କମ୍ ହେବ ?

୧୩. ପ୍ରତ୍ୟେକ କୋଠରିରେ ଦିଆଯାଇଥିବା ସଂଖ୍ୟା ଦୁଇଟିର ବିୟୋଗଫଳ ଅନୁମାନ କର । ତା'ର ଡାହାଣ ପଟେ ଥିବା ତିନୋଟି ଉତ୍ତର ମଧ୍ୟରୁ ଠିକ ଉତ୍ତରକୁ ଗାର ଦେଇ ଚିହ୍ନିତ କର ।

୫୪ – ୩୦
- ୨୦ ରୁ ବେଶୀ
- ୨୦ ରୁ କମ୍
- ୨୦ ସହିତ ସମାନ

୮୯ – ୨୮
- ୬୦ ରୁ ବେଶୀ
- ୬୦ ରୁ କମ୍
- ୬୦ ସହିତ ସମାନ

୬୮ – ୪୪
- ୨୦ ରୁ ବେଶୀ
- ୨୦ ରୁ କମ୍
- ୨୦ ସହିତ ସମାନ

୯୯ – ୪୦
- ୫୦ ରୁ ବେଶୀ
- ୫୦ ସହ ସମାନ
- ୫୦ ରୁ କମ୍

୧୪. ମନେ ମନେ ହିସାବ କରି କହ :

(କ) ୨୦ ରେ କେତେ ମିଶାଇଲେ ୪୦ ହେବ ?

(ଖ) ୬୦ ରୁ କେତେ ବିୟୋଗ କଲେ ୩୦ ହେବ ?

(ଗ) ୫୦୦ ରୁ କେତେ ବିୟୋଗ କଲେ ୨୦୦ ହେବ ?

(ଘ) ୭୦୦ ରୁ ୧୦୦ ବିୟୋଗ କଲେ ଯେତେ ହେବ, ୪୦୦ରେ କେତେ ମିଶାଇଲେ ସେତିକି ହେବ ?

(ଙ) ପ୍ରଭାତ କଳାପଟାରେ ୩୩ ଲେଖିଥିଲା । ପ୍ରତିମା ସେଥିରୁ ଗୋଟିଏ ୩ ଲିଭାଇଦେଲା । ନୂଆ ସଂଖ୍ୟାର ମୂଲ୍ୟ ୩୩ ଠାରୁ କେତେ କମିଲା ?

(ଚ) ବର୍ଷା ଯୋଗୁ ତୁମ ଶ୍ରେଣୀର ୩୮ ପିଲାରୁ ୧୨ ଜଣ ପିଲା ବିଦ୍ୟାଳୟକୁ ଆସି ନ ଥିଲେ । ତେବେ ସେଦିନ କେତେ ଜଣ ପିଲା ବିଦ୍ୟାଳୟକୁ ଆସିଥିଲେ ?